# କୋଭିଡ୍ ହସ୍ପିଟାଲ୍‌ରେ ଶିଶୁପୁତ୍ର ଜନ୍ମ

ବ୍ରହ୍ମପୁର,୨୧।୫/ଏନ୍ଏନ୍ଏସ୍: ଗଞ୍ଜାମ ଜିଲ୍ଲା ଶୀତଳାପଲ୍ଲି କୋଭିଡ୍ ହସ୍ପିଟାଲ୍‌ରେ ଆଜି ଜଣେ ମହିଳା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ସଫଳ ଅସ୍ତ୍ରୋପଚାର ଦ୍ୱାରା ଶିଶୁପୁତ୍ର ଜନ୍ମ ହୋଇଥିବା ସୂଚନା ମିଳିଛି। ଏହି ହସ୍ପିଟାଲ୍‌ରେ ବର୍ତ୍ତମାନ ୫ଜଣ ଗର୍ଭବତୀ ରହିଥିବା ବେଳେ ଆଜି ଜଣେ ପ୍ରସବ କରିଛନ୍ତି। ପୂର୍ବରୁ ଏଠାରେ ଗର୍ଭବତୀ ମହିଳାଙ୍କ ପାଇଁ ଓଟି ନଥିଲା। କିନ୍ତୁ ଗର୍ଭବତୀଙ୍କ ସଂଖ୍ୟା ବଢ଼ିବା ପରେ ବ୍ରହ୍ମପୁର ନ ଆଣି ସେମାନଙ୍କୁ ସେଠାରେ ହିଁ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାର ବିଭିନ୍ନ ସରକାରୀ କ୍ୱାରେଣ୍ଟାଇନ୍ ହୋମ୍‌ରେ ଶହେରୁ ଊର୍ଦ୍ଧ୍ୱ ଗର୍ଭବତୀ ରହିଛନ୍ତି। ସେମାନଙ୍କର ସ୍ୱାବ ପରୀକ୍ଷା ହେବା ପରେ ସେମାନଙ୍କୁ କେଉଁଠି ରଖାଯିବ ସେ ନେଇ ପ୍ରଶାସନ ଚିନ୍ତା କରୁଥିବା କୁହାଯାଉଛି।

ନିତିଦିନ NITIDIN Fri, May 22, 2020
http://odishanewsnitidin.com